# NATIONAL NEWS BULLETIN (ODIA)

## 2 November - 2024

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରର ଧୁଲେ ଠାରେ ମହାୟୁତି ମେଣ୍ଟର ନିର୍ବାଚନ ପ୍ରଚାରର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩୮ଟି ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି ୫୨୮ ଜଣ ପ୍ରାର୍ଥୀ ।
- ନୂଆଦିଲ୍ଲୀ ରେଳଷ୍ଟେସନଠାରେ ପାର୍ବଣ ଋତୁରେ ଯାତ୍ରୀଙ୍କ ଭିଡ଼ ଏବଂ ଗମନାଗମନ ପ୍ରସ୍ତୁତିର ସମୀକ୍ଷା କଲେ ରେଳମନ୍ତ୍ରୀ
- ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ସ୍ୱତନ୍ତ୍ର ସାମରିକ ଅଭ୍ୟାସ **ବଜ୍ର ପ୍ରହାର** ଆଜିଠାରୁ ଆରମ୍ଭ ।

ଏବଂ

- ହାଇଲୋ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ଭାରତର ମାଳବିକା ବନ୍ଶୋଦ୍ ଏବଂ ଆୟୁଷ ସେଟ୍ଟି ଉନ୍ନୀତ

# ପିଏମ୍-ମହା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୮ ତାରିଖରେ ବିଧାନସଭା ନିର୍ବାଚନ ପ୍ରଚାର ପାଇଁ ମହାରାଷ୍ଟ୍ର ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଧୁଲେ ଠାରେ ମହାୟୁତି ମେଣ୍ଟର ନିର୍ବାଚନ ପ୍ରଚାରର ଶୁଭାରମ୍ଭ କରିବେ । ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଅନ୍ୟ କେତେଗୁଡ଼ିଏ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବେ ବୋଲି ଜଣାପଡ଼ିଛି ।

# ଝାଡ଼ଖଣ୍ଡ ବିଧାନସଭା

ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୫୨୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ । ଏହି ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ୩୮ଟି ଆସନ ପାଇଁ ମତ ଗ୍ରହଣ କରାଯିବ । ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୪୩ଟି ଆସନ ପାଇଁ ୬୮୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଆସନ୍ତା ୨୩ ତାରିଖ ଦିନ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

# ବୈଷ୍ଣବ-ନିଉଦିଲ୍ଲୀ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ନୂଆଦିଲ୍ଲୀ ରେଳଷ୍ଟେସନ ଠାରେ ପାର୍ବଣ ଋତୁ ପାଇଁ ଭିଡ଼ ଓ ଯାତ୍ରୀଙ୍କ ସୁବିଧା ଏବଂ ଗମନାଗମନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ଷ୍ଟେସନଠାରେ

ଅପେକ୍ଷାରତ ଯାତ୍ରୀଙ୍କ ସହ ଆଲୋଚନା କରିଥିଲେ । ରେଳବାଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ତଥା ପ୍ରସ୍ତୁତି ନେଇ ଯାତ୍ରୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ରେଳବାଇ ସୁରକ୍ଷା ବାହିନୀ ଏବଂ ରେଳବାଇ କର୍ମଚାରୀଙ୍କ ପ୍ରସ୍ତୁତି ନେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି । ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯାତ୍ରୀଙ୍କର ସହଜ ଯାତ୍ରା ନେଇ ରେଳବାଇ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ଦିଗରେ ଯାତ୍ରୀଙ୍କର ସହଯୋଗକୁ ମଧ୍ୟ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଉଚ୍ଚପ୍ରଶଂସା କରିଛନ୍ତି । ସେ କହିଛନ୍ତି ଦୀପାବଳି ଏବଂ ଛଟ୍ ପୂଜା ପାଇଁ ଗତବର୍ଷ ଭାରତୀୟ ରେଳବାଇ ୪ ହଜାର ୫୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିଥିବା ବେଳେ ଚଳିତବର୍ଷ ଏହା ୭ ହଜାର ୪୩୫କୁ ବୃଦ୍ଧି ପାଇଛି । ଗତ ଅକ୍ଟୋବର ମାସ ୩୧ ତାରିଖ ସୁଦ୍ଧା ୫୧ ଲକ୍ଷ ଯାତ୍ରୀ ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ଯାତାୟାତ କରିଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ମାଲବ୍ୟ ୟୁଥ୍ ଆୱାର୍ଡସ୍

ଯୁବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ୨୦୨୨-୨୩ ବର୍ଷ ପାଇଁ ସମ୍ମାନଜନକ ଜାତୀୟ ଯୁବ ପୁରସ୍କାର ଲାଗି ଆବେଦନ ନିମନ୍ତେ ଯୁବବର୍ଗଙ୍କୁ ଆହ୍ୱାନ କରିଛନ୍ତି । ସ୍ୱାସ୍ଥ୍ୟ, ମାନବିକ ଅଧିକାର ଭଳି ବିଭିନ୍ନ ସାମାଜିକ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୫ରୁ ୨୯ ବର୍ଷ ବୟସର ଯୁବବର୍ଗ ଏହି ପୁରସ୍କାର ପାଇଁ ଆବେଦନ କରିପାରିବେ । ପୁରସ୍କାର ବାବଦରେ ବ୍ୟକ୍ତିଗତ ସ୍ତରରେ ୧ଲକ୍ଷ ଟଙ୍କା, ମେଡାଲ,

ସାର୍ଟିଫିକେଟ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ନଗଦ ୩ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଏକ ଭିଡ଼ିଓ ବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି ଏଭଳି ପ୍ରୟାସ ଭାରତର ଯୁବବର୍ଗଙ୍କ ବିକଶିତ ଭାରତ ଗଠନ ନେଇ ଅବଦାନକୁ ପ୍ରୋତ୍ସାହିତ  କରିବ । ସ୍ୱରାଷ୍ଟ୍ରମନ୍ତ୍ରଣାଳୟର ଆଓ୍ୱାର୍ଡ ପୋଟାଲ ମାଧ୍ୟମରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି ।

## କୋଲ ପ୍ରଡକସନ୍

ଦେଶରେ ଅକ୍ଟୋବର ମାସରେ କୋଇଲା ଉତ୍ପାଦନ ୪୪ ଦଶମିକ୍ ୪/୫ ମିଲିୟନ୍ ଟନ୍‌ରେ ପହଞ୍ଚିଥିବା ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ଗତବର୍ଷ ଏହି ମାସରେ କୋଇଲା ଉତ୍ପାଦନ ୭୮ ଦଶମିକ୍ ୫୭ ମେଟ୍ରିକ୍ ଟନ୍ ରହିଥିଲା । ଗତବର୍ଷ ତୁଳନାରେ ଚଳିତ ବର୍ଷ କୋଇଲା ଉତ୍ପାଦନ ୭ ଦଶମିକ୍ ୪/୮ ପ୍ରତିଶତ ବୃଦ୍ଧି ପାଇଥିବା ନେଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ତେବେ ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକର ମଧ୍ୟ କୋଇଲା ଉତ୍ପାଦନ ଅଭିବୃଦ୍ଧି ଉଲ୍ଲେଖନୀୟ ରହିଛି । ଯାହା ଗତବର୍ଷ ତୁଳନାରେ ୧୬ ଦଶମିକ୍ ୫/୯ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ପର୍ଯ୍ୟନ୍ତ କୋଇଲା ଉତ୍ପାଦନ ୫୩୭ ଦଶମିକ୍ ୪/୫ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ସେହିପରି ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୫୦୬ ଦଶମିକ୍ ୫/୬ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି, ଯାହାକି ୬ ଦଶମିକ୍ ୧/୦ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି ।

# ସାମରିକ ଅଭ୍ୟାସ

ପଞ୍ଚଦଶତମ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ସ୍ୱତନ୍ତ୍ର ସାମରିକ ଅଭ୍ୟାସ ବଜ୍ର ପ୍ରହାରର ଆଜିଠାରୁ ଆମେରିକାର ଇଡାହୋ ସ୍ଥିତ ଓରକାର୍ଡ୍ କମ୍ବାଟ୍ ପ୍ରଶିକ୍ଷଣ କେନ୍ଦ୍ରରେ ଆରମ୍ଭ ହେବ। ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତବର୍ଷ ମେଘାଳୟର ଉମ୍‌ରୋଇ ଠାରେ ଡିସେମ୍ବର ମାସରେ ଉଭୟ ଦେଶ ଏହି ମିଳିତ ସମରାଭ୍ୟାସ କରିଥିଲେ । ଭାରତ ଏବଂ ଆମେରିକା ସେନା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏହି ବଜ୍ର ପ୍ରହାର ସମରାଭ୍ୟାସ ଅନୁଷ୍ଠିତ ହେଉଛି । ଉଭୟ ଦେଶରୁ ୪୫ ଜଣ ସେନା କର୍ମୀ ଏଥିରେ ଭାଗ ନେଉଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭାରତୀୟ ସେନା ପକ୍ଷରୁ ସ୍ପେଶିଆଲ୍ ଫୋର୍ସେସ୍ ୟୁନିଟ୍ ଅଂଶଗ୍ରହଣ କରିବାକୁ ଥିବା ବେଳେ ଆମେରିକା ସେନା ପକ୍ଷରୁ ଗ୍ରୀନ୍ ବେରେଟ୍ସ ଏଥିରେ ସାମିଲ ହେବେ । ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧି କରିବା ସହ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିବା ପାଇଁ ଏହି ସମରାଭ୍ୟାସର ଆୟୋଜନ କରାଯାଉଛି । ମରୁଭୂମି ଏବଂ ପ୍ରତିକୂଳି ଭୌଗୋଳିକ ପରିସ୍ଥିତିରେ ଉଭୟ ଦେଶର ସେନା ମିଳିତ ଭାବେ ବିଭିନ୍ନ ଅଭିଯାନରେ ସାମିଲ ହେବା ନେଇ ଏହି ସମରାଭ୍ୟାସର ଆୟୋଜନ କରାଯାଉଛି । ସମାରାଭ୍ୟାସରେ ସେନାକର୍ମୀମାନଙ୍କ ଶାରିରୀକ ସୁସ୍ଥତା, ମିଳିତ ଯୋଜନା ଏବଂ କୌଶଳର ପ୍ରୟୋଗ କରାଯିବା ନେଇ ଏଥିରେ ପ୍ରଶିକ୍ଷଣ ଦିଆଯିବ ।

ଗତ ସେପ୍ଟେମ୍ବର ମାସରେ ରାଜସ୍ଥାନ ଠାରେ **ଯୁଦ୍ଧ ଅଭ୍ୟାସ ୨୦୨୪** ଅନୁଷ୍ଠିତ ହୋଇଥିଲା ।

## ଇସ୍ରାଏଲ୍ ଆଟାକ୍

ଲେବାନନ୍‌ର ଉତ୍ତର ପୂର୍ବାଞ୍ଚଳ ଗତକାଲି ଇସ୍ରାଏଲ୍‌ର ଆକାଶମାର୍ଗରୁ ଆକ୍ରମଣ ଦ୍ୱାରା ଅତିକମ୍‌ରେ ୪୫ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେଠାକାର ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଏହି ସୂଚନା ମିଳିଛି । ଇସ୍ରାଏଲ୍ ଇତିମଧ୍ୟରେ ଲେବାନନ୍‌ର ବାଲ୍‌ବେକ୍ ଭଳି ସହରାଞ୍ଚଳ ଗୁଡ଼ିକରେ ଆକ୍ରମଣକୁ ଜୋରଦାର କରିଛି । ପୂର୍ବରୁ ହିଜିବୁଲ୍ଲା ଦୃଢ଼ ସଂଗଠନ ଥିବା ଛୋଟ ସୀମାନ୍ତ ଗ୍ରାମଗୁଡ଼ିକରେ ଇସ୍ରାଏଲ୍ ଆକ୍ରମଣ କରୁଥିଲା । ଇତିମଧ୍ୟରେ ହିଜିବୁଲ୍ଲା ଇସ୍ରାଏଲ୍‌ର ଉତ୍ତରାଞ୍ଚଳରେ ରକେଟ୍ ମାଡ଼ କରିଛି । ହମାସ୍‌କୁ ଲକ୍ଷ୍ୟ କରି ଇସ୍ରାଏଲ୍ ଆକ୍ରମଣ ଦ୍ୱାରା ଗାଜାର ଉତ୍ତରାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । କେନ୍ଦ୍ରୀୟ ଗାଜାର ଏକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଗୁରୁବାର ଇସ୍ରାଏଲ୍ ଆକ୍ରମଣରେ ୨୫ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିଲା ।

## ସ୍ପେନ୍ ଡେଥ୍ ଟ୍ରୋଲ୍

ସ୍ପେନ୍ ବନ୍ୟାରେ ମୃତ୍ୟୁ ସଂଖ୍ୟା ୨୦୫କୁ ବୃଦ୍ଧି ପାଇଛି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇଛି । ଆହତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଭାଲେନ୍‌ସିଆ ପ୍ରଦେଶରେ ପ୍ରବଳ ବର୍ଷା

ଯୋଗୁଁ ୨୦୨ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସ୍ପେନ୍‌ର ପାଣିପାଗ ବିଭାଗ ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି । ଓ୍ୱେଲ୍‌ଭା ଅଞ୍ଚଳରେ ଅଧିକ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି । ପୂର୍ବ ସ୍ପେନ୍ ଅଞ୍ଚଳରେ ପ୍ରବଳ ବର୍ଷା ଜନିତ ବନ୍ୟା ଯୋଗୁଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଏହି ଭୀଷଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ପେନ୍ ୩ ଦିନିଆ ଜାତୀୟ ଶୋକ ପାଳନ କରୁଛି । ଜାତୀୟ ପତାକାକୁ ଅର୍ଦ୍ଧନିମିତ କରି ରଖାଯାଇଛି । ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଲୋକଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ଗତ ମଙ୍ଗଳବାର ରାତି ଏବଂ ବୁଧବାର ସକାଳୁ ପ୍ରବଳ ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ।

## ଇଣ୍ଡିଆ-ଚାଇନ୍ ପେଟ୍ରୋଲିଂ

ପୂର୍ବ ଲଦାଖ ଅଞ୍ଚଳର ବାସ୍ତବ ନିୟନ୍ତ୍ରଣରେଖାରେ ଭାରତୀୟ ସେନା ଏବଂ ଚୀନ୍ ସେନା ପକ୍ଷରୁ ପଇଁତରା କାର୍ଯ୍ୟ ଆରମ୍ଭ ହୋଇଛି । ଭାରତୀୟ ସେନା ପକ୍ଷରୁ କୁହାଯାଇଛି, ଡେମ୍‌ଚୋକ୍ ଅଞ୍ଚଳରେ ସେନା ପକ୍ଷରୁ ଏହି ପେଟ୍ରୋଲିଂ ଆରମ୍ଭ କରାଯାଇଛି ।

ସୂଚନା ଯୋଗ୍ୟ ଗତ ୨୦୨୦ ଏପ୍ରିଲ୍ ମାସରେ ଦୁଇ ଦେଶର ସେନାକର୍ମୀଙ୍କ ମଧ୍ୟରେ ଘଟିଥିବା ସଂଘର୍ଷକୁ ନେଇ ଏହି ଅଞ୍ଚଳରେ ପେଟ୍ରୋଲିଂ ବନ୍ଦ ରହିଥିଲା । ଡେପ୍‌ସଙ୍ଗ୍‌ରେ ମଧ୍ୟ ସେନା ପକ୍ଷରୁ ପେଟ୍ରୋଲିଂ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ପ୍ରତିରକ୍ଷା ସୂତ୍ରରୁ

ଜଣାପଡ଼ିଛି । ଗତ ମାସରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ଏବଂ ପ୍ରତିରକ୍ଷା ସ୍ତରରେ ବାରମ୍ବାର ଆଲୋଚନା ହେବା ପରେ ଏହି ପେଟ୍ରୋଲିଂ ପୁନଃ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ଦୀପାବଳି ଅବସରରେ ଉଭୟ ଦେଶର ସେନା କର୍ମୀମାନେ ଚୁଶୁଲ୍ ମୋଲଡୋ, ଦୌଲତବେଗ ଓଲଡି, ହଟ୍ ସ୍ପିଙ୍ଗ୍, କେକେ ପାସ୍ ଏବଂ କୋଙ୍ଗଲା ବାସ୍ତବିକ ନିୟନ୍ତ୍ରଣରେଖା ଅଞ୍ଚଳରେ ମିଷ୍ଟାନ୍ନ ଦିଆନିଆ ହୋଇଥିଲେ ।

## ବ୍ୟାଡମିଣ୍ଟନ

ଜର୍ମାନୀର ସାର୍‌ବ୍ରୁକେନ୍ ଠାରେ ଚାଲିଥିବା ହାଇଲୋ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ଭାରତର ମାଳବିକା ବନ୍‌ଶୋଦ୍ ଏବଂ ଆୟୁଷ ସେଟ୍ଟି ଉନ୍ନୀତ ହୋଇଛନ୍ତି । ମହିଳା ଏକକ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ମାଳବିକା ଭିଏତନାମ୍ ପ୍ରତିପକ୍ଷଙ୍କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ପର୍ଯ୍ୟାୟରେ ସେ ଆଜି ଡେନ୍‌ମାର୍କର ଜୁଲେ ଦାୱେଲ୍ ଜାକୋବ୍‌ସେନ୍‌ଙ୍କୁ ଭେଟିବେ ।

ସେହିଭଳି ପୁରୁଷ ଏକକ ବର୍ଗରେ ଆୟୁଷ ସେଟ୍ଟି ଫିନ୍‌ଲ୍ୟାଣ୍ଡର କାଲେ କାଲ୍‌ଜୋନେନ୍‌ଙ୍କୁ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପରାସ୍ତ କରିଛନ୍ତି । ସେମିଫାଇନାଲ୍‌ରେ ଆଜି ଫ୍ରାନ୍ସର କ୍ରିଷ୍ଟୋପୋପୋଭଙ୍କ ସହ ତାଙ୍କର ଆଜି ମୁକାବିଲା ହେବ ।

# କ୍ରିକେଟ : ଇଣ୍ଡିଆ-ନ୍ୟୁଜିଲାଣ୍ଡ

ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଆଜି ଭାରତ ତା'ର ପ୍ରଥମ ଇନିଂସରେ ୪ ୱିକେଟ୍‌ରେ ୮୬ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଶୁଭମନ ଗିଲ୍ ୩୧ ଏବଂ ରିଷଭ ପନ୍ଥ ୧ ରନ୍ କରି ଅପରାଜିତ ଅଛନି ।

ପୂର୍ବରୁ ନ୍ୟୁଜିଲାଣ୍ଡ ଟସ୍ ଜିତି ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୨୩୫ରନ୍ କରିଥିଲା । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ୫ଟି ଏବଂ ୱାଶିଂଟନ୍ ସୁନ୍ଦର ୪ଟି ୱିକେଟ୍ ହାସଲ କରିଥିଲେ ।

ସୂଚନାଯୋଗ୍ୟ ନ୍ୟୁଜିଲାଣ୍ଡ ପ୍ରଥମ ଦୁଇଟି ଟେଷ୍ଟମ୍ୟାଚ୍‌ରେ ବିଜୟଲାଭ କରି ସିରିଜ୍ ବିଜୟୀ ହୋଇସାରିଛି । ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓ ପୁଣେରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଛି ।